# ଏକାଦଶୀର ଆବିର୍ଭାବ

ବହୁ ଭକ୍ତଗଣ ଏକାଦଶୀର ଆର୍ବିଭାବ ଓ ବୈଶିଷ୍ଟ୍ୟ ସମ୍ବନ୍ଧରେ ଜାଣିବା ପାଇଁ ଚାହାଁନ୍ତି, ତାହା ପଦ୍ମ ପୁରାଣରେ ଚତୁର୍ଦ୍ଦଶ ଅଧ୍ୟାୟର 'କ୍ରିୟା ସାଗର ସାର' ଅଂଶରୁ ଏହି ତତ୍ତ୍ୱ ଉଦ୍ଧୃତ କରାଯାଇଅଛି ।

ଏକଦା ମହର୍ଷି ଜୈମିନୀ ଋଷି ନିଜର ଗୁରୁଦେବଙ୍କୁ ପଚାରିଲେ, "ହେ ଗୁରୁଦେବ ! ଏକାଦଶୀର ଜନ୍ମ କେତେବେଳେ ହୋଇଥିଲା ଏବଂ ତା'ର ଜନ୍ମ ହେବାର କାରଣ କ'ଣ ? ଏକାଦଶୀ ଦିନ ଉପବାସ ପାଳନର ବିଧି କ'ଣ ? ଏହି ବ୍ରତ ପାଳନ କଲେ କ'ଣ ଲାଭ ଏବଂ କେତେ ବେଳେ ଏହିବ୍ରତ ଉଦ୍‌ଯାପନ କରିବାକୁ ହେବ ? ଶ୍ରୀ ଏକାଦଶୀର ଅଧିଷ୍ଠାତ୍ରୀ ଦେବୀ କିଏ ? ଏକାଦଶୀର ନିୟମ ପାଳନ ନ କଲେ ଅପରାଧ କ'ଣ ? ଦୟାକରି ଏହି ବିଷୟରେ ବର୍ଣ୍ଣନା ପୂର୍ବକ ଆପଣଙ୍କର କୃପା ବର୍ଷଣ କରନ୍ତୁ" ।

ଶ୍ରୀଲ ବ୍ୟାସଦେବ ଜୈମିନୀ ଋଷିଙ୍କର ପ୍ରଶ୍ନ ଶୁଣି ଅପ୍ରାକୃତ ଦିବ୍ୟାନନ୍ଦରେ କହିବାକୁ ଲାଗିଲେ, "ହେ ବ୍ରହ୍ମର୍ଷି ଜୈମିନୀ । ଏକାଦଶୀ ପାଳନର ଫଳ ପ୍ରକୃତ ରୂପେ ପରମେଶ୍ୱର ନାରାୟଣ ହିଁ କେବଳ ଶୁଦ୍ଧ ଭାବରେ ବର୍ଣ୍ଣନା କରିବାକୁ ସମର୍ଥ, କିନ୍ତୁ ମୁଁ ଆପଣଙ୍କ ପ୍ରଶ୍ନର ସଂକ୍ଷିପ୍ତ ଉତ୍ତର ପ୍ରଦାନ କରିବି" ।

ସୃଷ୍ଟିର ପ୍ରାରମ୍ଭରେ ପରମେଶ୍ୱର ଭଗବାନ ପଞ୍ଚ ମହାଭୂତ ଦ୍ୱାରା ସ୍ଥାବର ଓ ଅସ୍ଥାବର ଜୀବଗଣଙ୍କୁ ପୃଥିବୀରେ ସୃଷ୍ଟି କରନ୍ତି । ସେହିଭଳି ମନୁଷ୍ୟମାନଙ୍କୁ ଶାସ୍ତି ଦେବା ଉଦ୍ଦେଶ୍ୟରେ ପାପ ପୁରୁଷଙ୍କୁ ମଧ୍ୟ ସେ ସୃଷ୍ଟି କରନ୍ତି । ଏଇ ପାପ ପୁରୁଷଙ୍କର ଅଙ୍ଗ ପ୍ରତ୍ୟଙ୍ଗ ଆଦି ନାନା ପ୍ରକାରର ପାପ କାର୍ଯ୍ୟ ଦ୍ୱାରା ଗଠନ କରିଥିଲେ । ତା'ର ମସ୍ତକଟି ଥିଲା ବ୍ରହ୍ମ ହତ୍ୟାର ପାପ, ଆଖି ଦୁଇଟି ନିଶାସେବନ ଆସକ୍ତି ଜନିତ ପାପ, ମୁଖଟି ଥିଲା ସ୍ୱର୍ଣ୍ଣ ଚୌର୍ଯ୍ୟ ଜନିତ ପାପ, କାନ ଦୁଇଟି ସଦ୍‌ଗୁରୁଙ୍କର ପତ୍ନୀଙ୍କ ନିକଟକୁ ଉପଗମନ ଜନିତ ପାପ, ନାସିକା ପରପତ୍ନୀ ହତ୍ୟାଜନିତ ପାପ, ହାତ ଦୁଇଟି ଗୋହତ୍ୟା ଜନିତ ପାପ, ଗ୍ରୀବା ପରଧନ ଚୋରି ଜନିତ ପାପ, ବକ୍ଷଦେଶ ଭ୍ରୁଣହତ୍ୟା ଜନିତ ପାପ, ନିମ୍ନବକ୍ଷ ପରକୀୟା ଉପଗମନ ଜନିତ ପାପ, କଟିଦେଶ ଆତ୍ମସ୍ତୁତି ଜନିତ ପାପ, ଜଂଘ ଗୁରୁର ପ୍ରତି ଅପରାଧ ଜନିତ ପାପ, ଲିଙ୍ଗ ନିଜ କନ୍ୟା ବିକ୍ରୟ ଜନିତ ପାପ, ପଶ୍ଚାତ୍‌ଭାଗ ଗୋପନ ବିଷୟ ପ୍ରକାଶ କରିବାର ପାପ, ପଦଦ୍ୱୟ ପିତୃହତ୍ୟାର ପାପ, ତା'ର କେଶରାଶି ଅନ୍ୟାନ୍ୟ ପାପ କର୍ମାଦି । ଏହି ପ୍ରକାରର ଗୋଟିଏ ବିଭତ୍ସ ପାପମୟ ଜୀବ ସୃଷ୍ଟି କରିଥିଲେ, ଯା'ର ଶରୀର ଘୋର କୃଷ୍ଣ ବର୍ଣ୍ଣ, ଆଖି ଦୁଇଟି ପୀତବର୍ଣ୍ଣ, ସେ ପାପୀମାନଙ୍କୁ ଅତୀବ ଯାତନା ଦେଉଥିଲେ ।

"ପରମେଶ୍ୱର ଭଗବାନ ଶ୍ରୀବିଷ୍ଣୁ ଏହି ପାପ ପୁରୁଷଙ୍କୁ ଦେଖି ମନେ ମନେ ଚିନ୍ତା କରିବାକୁ ଲାଗିଲେ, 'ମୁଁ ହିଁ ଏହି ଜୀବମାନଙ୍କର ସୁଖ ଓ ଦୁଃଖର ସ୍ରଷ୍ଟା । ମୁଁ ସେମାନଙ୍କର ପ୍ରଭୁ ହୋଇ ଏହି ପାପ ପୁରୁଷଙ୍କୁ ସୃଷ୍ଟି କରିଛି, ଯିଏ ଅସାଧୁ, ପ୍ରତାରକ ଏବଂ ପାପୀମାନଙ୍କୁ ଦୁଃଖ କଷ୍ଟ ଦିଏ । ବର୍ତ୍ତମାନ ଏହି ପାପ ପୁରୁଷଙ୍କର ନିୟନ୍ତ୍ରଣ କର୍ତ୍ତା ସୃଷ୍ଟି କରିବାକୁ ହେବ ।' ଏହି ସମୟରେ ଭଗବାନ-ଯମରାଜ ଓ ନାନା ପ୍ରକାରର ନର୍କ ସୃଷ୍ଟି କଲେ । ମୃତ୍ୟୁ ପରେ ପାପୀମାନଙ୍କୁ ଯମରାଜାଙ୍କ ନିକଟକୁ ପଠାଯିବ ଏବଂ ସେ ସେମାନଙ୍କର ପାପ ଅନୁସାରେ ବିଭିନ୍ନ ଯନ୍ତ୍ରଣା ଭୋଗିବା ପାଇଁ ବିଭିନ୍ନ ନର୍କକୁ ପଠାଇବେ ।

"ଏହିପରି ବ୍ୟବସ୍ଥା କରି ପରମେଶ୍ୱର ଭଗବାନ ପକ୍ଷୀରାଜ ଗରୁଡ଼ଦେବଙ୍କ ପିଠିରେ ଉପବେଶନ କରି ଯମରାଜଙ୍କର ଗୃହରେ ଉପସ୍ଥିତ ହେଲେ । ଯମରାଜ, ଭଗବାନ ବିଷ୍ଣୁଙ୍କୁ ପାଦ୍ୟ, ଅର୍ଘ୍ୟ ଓ ଶ୍ରଦ୍ଧାଞ୍ଜଳି ନିବେଦନ

କରି ସ୍ୱାଗତ ଜଣାଇଲେ । ତାଙ୍କୁ ସ୍ୱର୍ଣ୍ଣ ସିଂହାସନରେ ବସାଇଲେ । ପରମେଶ୍ୱର ବିଷ୍ଣୁ ସ୍ୱର୍ଣ୍ଣ ସିଂହାସନରେ ବସିବାପରେ ଦକ୍ଷିଣ ଦିଗରୁ ଉଚ୍ଚ ଚିତ୍କାର ଶୁଣିବାକୁ ପାଇଲେ । ଆଶ୍ଚର୍ଯ୍ୟ ହୋଇ ସେ ଯମରାଜଙ୍କୁ ପଚାରିଲେ 'କେଉଁଠି ଏହି ଶବ୍ଦ ହେଉଛି ।'

ଯମରାଜ ଉତ୍ତରରେ କହିଲେ "ହେ ଦେବ! ପୃଥିବୀର ବିଭିନ୍ନ ଜୀବଗଣ ବିଭିନ୍ନ ନରକରେ ପତିତ ହୋଇ ସେମାନଙ୍କର ଦୁଷ୍କର୍ମ ଜନିତ ଫଳ ଭୋଗ କରୁଛନ୍ତି । ଏହି ବିଭତ୍ସ ଚିତ୍କାର ସେମାନଙ୍କର ଅତୀବ ଦୁଷ୍କର୍ମଜନିତ ଶାସ୍ତିର ଫଳ ।"

ଏହାଶୁଣି ବିଷ୍ଣୁ ଦକ୍ଷିଣ ଦିଗରେ ଥିବା ନର୍କ ପାର୍ଶ୍ୱରେ ଯାଇ ଉପସ୍ଥିତ ହେଲେ । ତାଙ୍କୁ ଦେଖି ନରକବାସୀଗଣ ଅଧିକ ଉଚ୍ଚସ୍ୱରରେ ଚିତ୍କାର କରିବାକୁ ଲାଗିଲେ । ସେମାନଙ୍କର ଦୁର୍ଦ୍ଦଶା ଦେଖି ପରମେଶ୍ୱର ବିଷ୍ଣୁଙ୍କର ହୃଦୟ ବିଚଳିତ ହୋଇଗଲା । ଭଗବାନ ବିଷ୍ଣୁ ଭାବିଲେ, "ମୁଁ ହିଁ ଏମାନଙ୍କର ସୃଷ୍ଟି କରିଅଛି ଏବଂ ମୋ ଯୋଗୁଁ ଏମାନେ କଷ୍ଟ ଭୋଗ କରୁଛନ୍ତି ।"

ବ୍ୟାସଦେବ କହିବାକୁ ଲାଗିଲେ, "ହେ ଜୈମିନୀ ! ପରମେଶ୍ୱର ଭଗବାନ ତା'ପରେ କ'ଣ କହିଲେ ଶୁଣ ।"

କରୁଣାମୟ ପରମେଶ୍ୱର ପୂର୍ବର ବିଚାରଧାରାକୁ ପୁନଃ ସମିକ୍ଷା କରିବାକୁ ଲାଗିଲେ । ସଙ୍ଗେ ସଙ୍ଗେ ସେ ଏକାଦଶୀ ରୂପେ ଆର୍ବିଭୂତ ହେଲେ । ନର୍କର ଜୀବଗଣ ଏକାଦଶୀ ପାଳନପାଇଁ ପ୍ରତିଜ୍ଞାବଦ୍ଧ ହୋଇ ପାପମୁକ୍ତ ହେଲେ ଏବଂ ବୈକୁଣ୍ଠ ଧାମକୁ ଉନ୍ନୀତ ହେଲେ । ହେ ଜୈମିନୀ! ଏକାଦଶୀ ଏବଂ ପରମେଶ୍ୱର ବିଷ୍ଣୁ ଓ ତାଙ୍କ ବିଗ୍ରହ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ଶ୍ରୀ ଏକାଦଶୀ ପାଳନ ଅତୀବ ଶ୍ରେଷ୍ଠ ବ୍ରତ । ଏହା ସକଳ ବ୍ରତ ମଧ୍ୟରେ ଶ୍ରେଷ୍ଠ ।

ଶ୍ରୀ ଏକାଦଶୀର ଆବିର୍ଭାବ ସଙ୍ଗେ ସଙ୍ଗେ ପାପ ପୁରୁଷ ଏକାଦଶୀର ପ୍ରତିକୂଳ ପ୍ରଭାବ ଅନୁଭବ କଲେ । ସେ ବିଷ୍ଣୁଙ୍କର ସ୍ତୁତି କରିବାକୁ ଲାଗିଲେ । ବିଷ୍ଣୁ ପ୍ରସନ୍ନ ହୋଇ ତାଙ୍କୁ ବର ପ୍ରଦାନ କରିବାକୁ ଚାହିଁଲେ ।

ପାପପୁରୁଷ କହିଲେ, "ମୁଁ ଆପଣଙ୍କ ଠାରୁ ସୃଷ୍ଟ । ମୋ ମାଧ୍ୟମରେ ପାପୀମାନଙ୍କୁ ଶାସ୍ତି ଦେବାକୁ ଆପଣ ଇଚ୍ଛା ପ୍ରକାଶ କରିଥିଲେ, କିନ୍ତୁ ବର୍ତ୍ତମାନ ଏକାଦଶୀର ପ୍ରଭାବରେ ମୋର ଅସ୍ତିତ୍ୱ ଧ୍ୱଂସ ହୋଇ ଯାଉଅଛି । ହେ ପ୍ରଭୁ! ମୋର ମୃତ୍ୟୁପରେ ଆପଣଙ୍କର ଅଂଶଗୁଡ଼ିକ ଯେଉଁମାନେ ଜଡ଼ ଶରୀର ଧାରଣ କରିଛନ୍ତି ସେମାନେ ସମସ୍ତେ ମୁକ୍ତି ଲାଭ କରି ବୈକୁଣ୍ଠଧାମ ପ୍ରାପ୍ତ ହେବେ । ସମସ୍ତେ ମୁକ୍ତ ହେଲେ ଆପଣଙ୍କର ଲୀଳାରେ କିଏ ଅଂଶ ଗ୍ରହଣ କରିବେ ? ହେ କେଶବ! ଆପଣ ଯଦି ଶାଶ୍ୱତ ଲୀଳାର ପ୍ରକାଶ ଚାହାଁନ୍ତି, ତାହାହେଲେ ଏକାଦଶୀର ଭୟଠାରୁ ମୋତେ ରକ୍ଷା କରନ୍ତୁ । ଏକାଦଶୀ ଆପଣଙ୍କ ବିଗ୍ରହର ବିସ୍ତୃତି । ଏକାଦଶୀର ଭୟରେ ମୁଁ ମନୁଷ୍ୟ, ପଶୁ, କୀଟ, ପାହାଡ଼, ବୃକ୍ଷ, ସ୍ଥାବର ଓ ଅସ୍ଥାବର ଜୀବଗଣ, ନଦୀ, ସମୁଦ୍ର, ଜଙ୍ଗଲ, ସ୍ୱର୍ଗ, ମର୍ତ୍ତ୍ୟ, ନରକ, ଦେବତା ଓ ଗନ୍ଧର୍ବମାନଙ୍କ ନିକଟକୁ ଗଲି । କିନ୍ତୁ ଏକାଦଶୀର ପ୍ରଭାବରେ ମୁଁ ମୋର ମୁକ୍ତ ସ୍ଥାନ ଖୋଜି ପାଇଲିନାହିଁ । ହେ ପ୍ରଭୁ! ଆପଣ ମୋତେ ସୃଷ୍ଟି କରିଛନ୍ତି । ମୋତେ ଏମିତିକା ଗୋଟିଏ ବାସସ୍ଥାନ ଦିଅନ୍ତୁ, ଯେଉଁଠାରେ ରହିଲେ ଏକାଦଶୀର ଭୟଠାରୁ ମୁକ୍ତ ହୋଇ ପାରିବି ।"

ବ୍ୟାସଦେବ ଜୈମିନୀଙ୍କୁ କହିଲେ, "ଏହି ଭାବରେ ପ୍ରାର୍ଥନା କରି ପାପ ପୁରୁଷ ପରମେଶ୍ୱର ଭଗବାନ ବିଷ୍ଣୁଙ୍କ ପାଦପଦ୍ମରେ ନିଜକୁ ସମର୍ପିତ କରି କାନ୍ଦିବାକୁ ଲାଗିଲେ ।" ଏହାପରେ ବିଷ୍ଣୁ ପାପ ପୁରୁଷଙ୍କର ଦୁର୍ଦ୍ଦଶା ଦେଖି ହାସ୍ୟ ବଦନରେ କହିଲେ, "ହେ ପାପ ପୁରୁଷ, ଉଠ ଆଉ କାନ୍ଦନାହିଁ । ଏକାଦଶୀ ଦିନ ତୁମର ଆଶ୍ରୟ

କେଉଁଠି ହେବ, ମନ ଦେଇ ଶୁଣ । ଏକାଦଶୀ ଦିନ ତୁମେ ଖାଦ୍ୟଶସ୍ୟରେ ଆଶ୍ରୟ ଗ୍ରହଣ କରିବ । ତେଣୁ ଆଉ ଚିନ୍ତା କରିବାର ଦରକାର ନାହିଁ, କାରଣ ଏକାଦଶୀ ସେହି ସ୍ଥାନରେ ଆଉ ବାଧା ସୃଷ୍ଟି କରିବେ ନାହିଁ ।" ପାପ ପୁରୁଷଙ୍କୁ ଏହି ଭାବରେ କହି ପରମେଶ୍ୱର ବିଷ୍ଣୁ ସେହିଠାରୁ ଅନ୍ତର୍ଦ୍ଧାନ ହେଲେ ଏବଂ ପାପ ପୁରୁଷ ନିଜ କାର୍ଯ୍ୟରେ ଲାଗି ପଡ଼ିଲେ ।

ସୁତରାଂ ସେହି ଦିନଠାରୁ ପାରମାର୍ଥିକ ଉନ୍ନତି ଲାଭ କରିବାକୁ ଚେଷ୍ଟିତ ବ୍ୟକ୍ତିମାନେ ଏକାଦଶୀ ଦିନ ଶସ୍ୟ ଗ୍ରହଣ କରନ୍ତିନାହିଁ । ବିଷ୍ଣୁଙ୍କର ଆଦେଶରେ ଜଡ଼ ଜଗତରେ ସମସ୍ତ ପ୍ରକାରର ପାପକର୍ମ ଏକାଦଶୀ ଦିନ ଖାଦ୍ୟ ଶସ୍ୟରେ ହିଁ ଆଶ୍ରୟ ଗ୍ରହଣ କରନ୍ତି । ଏକାଦଶୀ ପାଳନ କଲେ ସମସ୍ତ ପ୍ରକାରର ପାପଠାରୁ ମୁକ୍ତିଲାଭ କରାଯାଇପାରେ ଏବଂ କେତେବେଳେ ବି ନରକଗାମୀ ହେବାକୁ ପଡ଼େନାହିଁ । ଗୋଟିଏ ମୁଷ୍ଟି ଶସ୍ୟ ଗ୍ରହଣ (ଖାଇଲେ) କଲେ କୋଟି ବ୍ରାହ୍ମଣ ହତ୍ୟା ଜନିତ ପାପ ହୋଇଥାଏ । ଏକାଦଶୀ ଯେଉଁମାନେ ପାଳନ କରନ୍ତି ନାହିଁ, ସେମାନେ ହେଉଛନ୍ତି ପାପୀ ଅଧମ । ସେହି କାରଣରୁ ମୁଁ ବାରମ୍ବାର କହୁଛି ଯେ, ଏକାଦଶୀ ଦିନ କେତେବେଳେ ବି ଶସ୍ୟ ଗ୍ରହଣ କରିବ ନାହିଁ । କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ର ନିର୍ବିଶେଷରେ ଏକାଦଶୀ ପାଳନ କରିବା ଅବଶ୍ୟ କରଣୀୟ । ଏହା ହିଁ ବର୍ଣ୍ଣାଶ୍ରମର ଭିତ୍ତି । ଏକାଦଶୀ ପାଳନ କରିଲେ ସମସ୍ତ ପ୍ରକାରର ପାପ ବିନଷ୍ଟ ହୋଇଥାଏ ଏବଂ ବୈକୁଣ୍ଠ ଧାମ ଲାଭ କରାଯାଏ । (ବିଶଦ ଜାଣିବା ପାଇଁ ଏକାଦଶୀ ମାହାତ୍ମ୍ୟ ଅଧ୍ୟୟନ କରନ୍ତୁ) ।

## ଏକାଦଶୀ ବ୍ରତ ଅବଶ୍ୟ ପାଳନୀୟ

ଶ୍ରୀ ଚୈତନ୍ୟ ମହାପ୍ରଭୁ ତାଙ୍କର ଲୀଳା ବିଳାସର ପ୍ରଥମରୁ ହିଁ "ଏକାଦଶୀର ଉପବାସ ପ୍ରଥା ପ୍ରବର୍ତ୍ତନ କରିଥିଲେ ।' ଶ୍ରୀଲ ଜୀବଗୋସ୍ୱାମୀ ତାଙ୍କର "ଭକ୍ତି ସନ୍ଦର୍ଭ" ଗ୍ରନ୍ଥରେ ସ୍କନ୍ଧ ପୁରାଣର ଗୋଟିଏ ଉଦ୍ଧୃତି ଦେଇ କହିଛନ୍ତି, "ଯେଉଁ ମନୁଷ୍ୟ ଏକାଦଶୀ ଦିନ ଶସ୍ୟଦାନା ଗ୍ରହଣ କରେ, ସେ ତା'ର ପିତା, ମାତା, ଭାଇ ଓ ଗୁରୁ ହତ୍ୟାକାରୀ । ସେ ଯଦି ବୈକୁଣ୍ଠ ଲୋକକୁ ଉନ୍ନୀତ ହୋଇଥାଏ, ତେବେବି ତା'ର ଅଧଃପତନ ହୋଇଥାଏ ।" ଏକାଦଶୀ ଦିନ ଶ୍ରୀବିଷ୍ଣୁଙ୍କ ପାଇଁ ସମସ୍ତ କିଛି ରନ୍ଧନ କରାଯାଏ, ଏପରିକି ଅନ୍ନ ଏବଂ ଡ଼ାଲି ମଧ୍ୟ । କିନ୍ତୁ ଶାସ୍ତ୍ରରେ ନିର୍ଦ୍ଦେଶ ଦିଆଯାଇଛି ଯେ ଏକାଦଶୀ ଦିନ ବୈଷ୍ଣବମାନେ ବିଷ୍ଣୁଙ୍କର ପ୍ରସାଦ ପର୍ଯ୍ୟନ୍ତ ଗ୍ରହଣ କରିବା ଉଚିତ ନୁହେଁ । ଏକାଦଶୀ ଦିନ କୌଣସି ପ୍ରକାରର ଅନ୍ନ ଓ ଶସ୍ୟାଦି ଦ୍ୱାରା ପ୍ରସ୍ତୁତ ଏମିତି କି ଶ୍ରୀବିଷ୍ଣୁଙ୍କ ପ୍ରସାଦ ହେଲେ ମଧ୍ୟ ତାହା ଗ୍ରହଣ କରିବାକୁ କଠୋର ଭାବେ ନିଷେଧ କରାଯାଇଅଛି । ସେହି ପ୍ରସାଦ ତା'ପରଦିନ ଗ୍ରହଣ କରିବା ପାଇଁ ରଖାଯାଇପାରେ । ଶାସ୍ତ୍ର ଅନୁସାରେ ବିଧବା ଓ ସଧବା ଉଭୟେ ଏକାଦଶୀର ବ୍ରତ ପାଳନ କରିବାର ପ୍ରଥା ଶ୍ରୀଚୈତନ୍ୟ ମହାପ୍ରଭୁ ପ୍ରବର୍ତ୍ତନ କରିଥିଲେ (ଦ୍ରଷ୍ଟବ୍ୟ:-'ଚୈତନ୍ୟ ଚରିତାମୃତ' ଆଦିଲୀଳା-୧୫/୫-୧୦)

ଶ୍ରୀଲ ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ

ଭକ୍ତି ସହକାରେ ଏକାଦଶୀ ବ୍ରତ ପାଳନ କଲେ ସମସ୍ତ ଯଜ୍ଞ ଓ ସମସ୍ତ ପ୍ରକାରର ବ୍ରତ ପାଳନର ଫଳ ଲାଭ ହୋଇଥାଏ । ଏହି ତିଥିରେ ଅନ୍ନ ଗ୍ରହଣକାରୀମାନଙ୍କୁ ପଶୁଠାରୁ ବି ନିକୃଷ୍ଟ ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଅଛି ।

ଅନେକଙ୍କର ଧାରଣା ଯେ 'ଶ୍ରୀ ପୁରୀ ଧାମରେ ଶ୍ରୀଜଗନ୍ନାଥଙ୍କ ଅନ୍ନ ପ୍ରସାଦ ଏକାଦଶୀ ଦିନ ଭକ୍ଷଣ କରିବାରେ କୌଣସି ଦୋଷ ତ୍ରୁଟି ନାହିଁ । ଏହି ଧାରଣାର ବଶବର୍ତ୍ତୀ ହୋଇ ପୁରୀରେ ପ୍ରାୟ ସମସ୍ତେ ନିଃସଙ୍କୋଚ ଭାବରେ ଅନ୍ନ ପ୍ରସାଦ ଗ୍ରହଣ କରିଥାନ୍ତି । କିନ୍ତୁ ଏହା ସଂପୂର୍ଣ୍ଣ ଶାସ୍ତ୍ର ବିରୁଦ୍ଧ ବିଚାର ।

ଶ୍ରୀ ଚୈତନ୍ୟ ମହାପ୍ରଭୁ ତାଙ୍କର ସଧବା ଜନନୀ ଶ୍ରୀ ଶଚୀଦେବୀଙ୍କୁ ଏହି ବ୍ରତ ପାଳନ କରିବାକୁ ଅନୁରୋଧ କରିଥିଲେ । ଏକାଦଶୀ ତିଥିରେ ନିର୍ଜଳା ଉପବାସ କରିବାଟା ହିଁ ଶ୍ରେଷ୍ଠ, କିନ୍ତୁ ଯେଉଁମାନେ ଉପବାସ କରିବାକୁ ଅସମର୍ଥ, ସେମାନେ ମଧ୍ୟାହ୍ନ ପରେ ଅନୁକଳ୍ପ ପ୍ରସାଦ ଗ୍ରହଣ କରିପାରନ୍ତି । ଅସୁସ୍ଥ ବ୍ୟକ୍ତି ଏକାଧିବାର ଗ୍ରହଣ କରିପାରନ୍ତି । ସାରାଦିନ ହରିଭକ୍ତ ସଙ୍ଗେ ଶ୍ରୀଭଗବାନଙ୍କର ନାମ-ରୂପ-ଗୁଣ-ଲୀଳାଦି ଶ୍ରବଣ-କୀର୍ତ୍ତନ କରିବାକୁ ହୁଏ ଏବଂ ରାତ୍ରିରେ ଜାଗରଣ ଓ ହରିକଥା ଶ୍ରବଣ କରିବା ପ୍ରୟୋଜନ । ଏକାଦଶୀ ବ୍ରତ ପାଳନ ସମୟରେ ପରନିନ୍ଦା, ପରଚର୍ଚ୍ଚା, ମିଥ୍ୟାଭାଷଣ, କ୍ରୋଧ, ଦୁରାଚାରୀ ଦର୍ଶନ ସଂପୂର୍ଣ୍ଣ ଭାବେ ନିଷିଦ୍ଧ । ଏକାଦଶୀ ତିଥି ହେଉଛି ଆତ୍ମ କଲ୍ୟାଣାର୍ଥେ ଆଧ୍ୟାତ୍ମିକ ସାଧନ ଭଜନ ପାଇଁ । ଭୋଜନ ଆଦି ଦେହସୁଖ ଓ ସୌନ୍ଦର୍ଯ୍ୟ ବୃଦ୍ଧିରେ ସମୟ ନଷ୍ଟ କରିବା ଉଚିତ ନୁହେଁ । ରନ୍ଧନାଦି ମସଲା ବିହୀନ ସରଳ ପ୍ରସ୍ତୁତି ସିଝା ଖାଦ୍ୟ ହେବା ଉଚିତ୍ । ଜିହ୍ୱା ଲାଳସା ପାଇଁ ହେଲେ ବ୍ରତ ନଷ୍ଟ ହେବ ।

**ଗ୍ରହଣୀୟ ଅନୁକଳ୍ପ ଦ୍ରବ୍ୟ :** ୧- ପାକ ନ କରି ଗ୍ରହଣୀୟ ଦ୍ରବ୍ୟ (ଫଳମୂଳ ଓ ପାନୀୟ-ସର୍ବତ, ଆଖୁରସ, ପଇଡ଼), ସମସ୍ତ ପ୍ରକାର ଫଳ ଗ୍ରହଣୀୟ ।

୨- ପାକ କରି ଗ୍ରହଣୀୟ ମୂଳଜାତୀୟ ଦ୍ରବ୍ୟ-ଆଳୁ, ଖମ୍ବାଳୁ, କନ୍ଦମୂଳ, ଓଲ, ସାରୁ, ରସାଳୁ ଆଦି, ଅଦା, ବାଦାମ, ପାଳୁଅ, ଆରାରୁଟ, ମଟର ଭଳି ବଡ଼ଦାନା ସାଗୁ । ଚିପ୍ସ ଓ ଶୁଖିଲା ପାଣିଫଳ ଆଦି ଦୋକାନରୁ କିଣୁଥିବା ଦ୍ରବ୍ୟାଦି ସଠିକ୍ ହେବା ଉଚିତ୍ । ପରିବା- ଅମୃତଭଣ୍ଡା, କଦଳୀ, ମଞ୍ଜା, ପଣସ, ପଣସ ମଞ୍ଜି, କାକୁଡ଼ି, ବୋଇତାଳୁ । ଅନ୍ୟ ମସଲା ବଟା ନ ହେଉଥିବା ଶିଳ ବା ଗ୍ରାଇଣ୍ଡରରେ ଅଲଗା ଭାବେ ପ୍ରସ୍ତୁତ କରିବେ, ଯେପରି ସବୁ ମିଶାମିଶି ନ ହୁଏ । ନଡ଼ିଆକୋରା ଓ ଭଜାବାଦାମ ଗୁଣ୍ଡ ବ୍ୟବହାର କରିବା ସବୁଠାରୁ ଭଲ । ନୂଆ ପ୍ୟାକେଟ୍ ଲୁଣ ବ୍ୟବହାର କରିବେ । ବାସନ ଓ ପନିଖି ସମ୍ପୂର୍ଣ୍ଣ ପରିଷ୍କାର ହୋଇଥିବା ଦରକାର । ପରିବାକୁ ଅଦା, ଗୋଲମରିଚ, ଶୁଦ୍ଧ ଘିଅ, ସୂର୍ଯ୍ୟମୁଖୀ ବା ବାଦାମ ତେଲରେ ରନ୍ଧନ ଗ୍ରହଣୀୟ । ସୋରିଷ ତେଲ ଓ ଅନ୍ୟ ତେଲ ଦେଇ ଦୋହନ କରିଥିବା ଗାଭୀଠାରୁ କ୍ଷୀର ଗ୍ରହଣୀୟ ନୁହେଁ ।

ସ୍ଥାନ, କାଳ ଓ ପାତ୍ର ଅନୁସାରେ ଦ୍ରବ୍ୟର ଅଭାବ ହେତୁ ବିଭିନ୍ନ ମନ୍ଦିରରେ କିଛି ତାରତମ୍ୟ ଦେଖାଯାଏ । ତେବେ ଭକ୍ତ ତାଙ୍କର ଆଧ୍ୟାତ୍ମିକ ପ୍ରଗତି ଅନୁସାରେ କ'ଣ ଗ୍ରହଣୀୟ ତାହା ବିଚାର କରିବେ ।

ମହାଭାରତର ଉଦ୍‌ଯୋଗ ପର୍ବରେ ବର୍ଣ୍ଣନା ଅଛି ଯେ ଜଳ, ଫଳ, ମୂଳ, କ୍ଷୀର, ଘୃତ, ବ୍ରାହ୍ମଣ କାମ୍ୟ, ଗୁରୁ ବଚନ ଓ ଔଷଧ ଏହି ଆଠଟି ବ୍ରତ ନାଶକ ନୁହେଁ ।

॥ ହ.ଭ.ବି.୧୨/୧୦୦॥

ଏକାଦଶୀ ତିଥିରେ ଧାନ, ଗହମ, ଯବ, ମକା ଆଦି ଶସ୍ୟ, ସୋରିଷ ଜାତୀୟ ଯାବତୀୟ ଖାଦ୍ୟ ବର୍ଜନୀୟ । ଏହି ତିଥିରେ ସମସ୍ତ ପ୍ରକାରର ପାପ ଏହି ପଞ୍ଚଶସ୍ୟ ମଧ୍ୟରେ ଅବସ୍ଥାନ କରେ ।

ପଞ୍ଜିକାରେ ଯେଉଁ ପାରଣର ସମୟ ଦିଆଯାଇଅଛି, ସେହି ସମୟ ଭିତରେ ଶସ୍ୟ ଜାତୀୟ ପ୍ରସାଦ ଗ୍ରହଣ କରି ପାରଣ କରିବା ଏକାନ୍ତ ଆବଶ୍ୟକ । ନଚେତ୍ ଏକାଦଶୀର ଫଳ ଲାଭ ହୁଏନାହିଁ ।

# ଚତୁର୍ମାସ ଓ ଦାମୋଦର ବ୍ରତ

ବର୍ଷାଦିନର ଚାରିମାସକୁ (ଆଷାଢ଼ ପୂର୍ଣ୍ଣିମା ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ) ଚତୁର୍ମାସ କହନ୍ତି । ଯେଉଁ ସାଧୁ ଓ ସନ୍ନ୍ୟାସୀମାନେ ବଦ୍ଧ ଜୀବର ଉଦ୍ଧାର ପାଇଁ ସର୍ବତ୍ର ଭ୍ରମଣ କରିଥାନ୍ତି ସେମାନେ ଏହି ଚାରିମାସ ଭ୍ରମଣ ବନ୍ଦ କରି ଏକ ପବିତ୍ର ସ୍ଥାନରେ ରହି କଠୋର ନିୟମ ପାଳନ ପୂର୍ବକ ଶ୍ରୀ ଭଗବାନଙ୍କର ପୂଜା, ସେବା ଓ ଶ୍ରବଣ କୀର୍ତ୍ତନରେ ସର୍ବଦା ନିମଗ୍ନ ଥାଆନ୍ତି । କିନ୍ତୁ ଶ୍ରୀଲ ପ୍ରଭୁପାଦଙ୍କ ଆଦେଶାନୁସାରେ ଇସ୍କନ୍‌ର ସଦସ୍ୟମାନେ ବର୍ଷା କାଳରେ ନିଜର ବ୍ୟାପକ ପ୍ରଚାର ବନ୍ଦ କରନ୍ତି ନାହିଁ । ସେଥିପାଇଁ ଚତୁର୍ମାସର କଠୋର ନିୟମ ପାଳନ ଠାରୁ ପ୍ରଚାର ବ୍ରତରେ କଠୋରତା ପାଳନ କରନ୍ତି । କିନ୍ତୁ ଭୋଜନରେ ଅନ୍ୟୁନ ନିମ୍ନଲିଖିତ ନିୟମ ପାଳନ କରନ୍ତି । ପ୍ରଥମ ମାସ ଶାଗ ଜାତୀୟ, ଦ୍ୱିତୀୟ ମାସ ଦଧି, ତୃତୀୟ ମାସ ଦୁଗ୍ଧ, ଚତୁର୍ଥ ମାସ ବିରିଡ଼ାଲି, ସୋରିଷ ଓ ସୋରିଷ ତେଲ (ଏତଦ୍ ବ୍ୟତିତ ବୈଷ୍ଣବମାନେ ମଧ୍ୟ ଝୁଡ଼ଙ୍ଗ, ବିନ୍, ସିମ୍ବ, ବାଇଗଣ, ପୋଟଳ, ଗାଜର, ବିଟ୍, ଲାଉ, ପୋଇ, ଟମାଟୋ, ରାଜ୍‌ମା, ସୋୟାବିନ୍ ଆଦି ଦ୍ରବ୍ୟ) ଆହାର ନିଷେଧ କରିଥା'ନ୍ତି ବା କେବଳ ହବିଷାନ୍ନ ଗ୍ରହଣ କରିଥାନ୍ତି । (ନିର୍ଦ୍ଧାରିତ ତାରିଖ ଜାଣିବା ପାଇଁ ପ୍ରତ୍ୟେକ ବର୍ଷର ବୈଷ୍ଣବ ପଞ୍ଜିକା ଦେଖନ୍ତୁ) । ଚତୁର୍ମାସର ଚତୁର୍ଥମାସକୁ କାର୍ତ୍ତିକମାସ ବା ଦାମୋଦର ମାସ ବୋଲି କୁହାଯାଏ । କାରଣ ଏହି ମାସରେ ଦଣ୍ଡ ଦେବା ଉଦ୍ଦେଶ୍ୟରେ ମାତା ଯଶୋଦା କୃଷ୍ଣଙ୍କର ଉଦରକୁ ରଜ୍ଜୁଦ୍ୱାରା ଉଦୁଖୁଳରେ ବନ୍ଧନ କରିଥିବାରୁ ଶ୍ରୀକୃଷ୍ଣଙ୍କୁ ଦାମୋଦର ବୋଲି କୁହାଯାଏ । ଏହିମାସ ଶ୍ରୀମତୀ ରାଧାରାଣୀଙ୍କର ଅତିପ୍ରିୟ (ପରମ ପୁରୁଷ ଭଗବାନ ଶ୍ରୀକୃଷ୍ଣ ବା ଶ୍ରୀମଦ୍ ଭାଗବତମ୍‌ର ୧୦ମ ସ୍କନ୍ଧ ୯ମ ଓ ୧୦ମ ଅଧ୍ୟାୟ ପଠନ କରନ୍ତୁ) । ଏହି ମାସରେ ଯେ କୌଣସି ଧର୍ମକାର୍ଯ୍ୟ କଲେ ତାହା ବହୁଗୁଣ ଫଳଦାୟକ ଓ ସ୍ଥାୟୀ ହୋଇଥାଏ, ଶ୍ରୀକୃଷ୍ଣଙ୍କର ଦାମୋଦର ରୂପକୁ ଏହି ମାସରେ ପୂଜା କରାଯାଏ । ପୂଜା ବେଦୀରେ ମାତା ଯଶୋଦା ଓ ଦାମୋଦରଙ୍କର ଦାମ ବନ୍ଧନ ଲୀଳାର ଚିତ୍ରପଟକୁ ସୁସଜ୍ଜିତ ଭାବେ ସ୍ଥାପନ କରିଥାନ୍ତି । ଭକ୍ତବୃନ୍ଦ ପ୍ରତ୍ୟହ ସକାଳେ ବା ସନ୍ଧ୍ୟାରେ ତାଙ୍କ ସମ୍ମୁଖରେ ଛିଡ଼ା ହୋଇ ଦାମୋଦରାଷ୍ଟକମ୍ ପାଠ ପୂର୍ବକ ମନୋରମ ଢ଼ଙ୍ଗରେ ଘୃତ ପ୍ରଦୀପରେ ଭଗବାନ ଶ୍ରୀ ଦାମୋଦରଙ୍କୁ ଆରତୀ କରିଥାନ୍ତି ।

ପୁରୁଷୋତ୍ତମ ମାସ :- ପ୍ରତି ତିନି ବର୍ଷରେ ଥରେ ଏହି ମାସ ପଡ଼େ । ଏହାକୁ ସାଧାରଣତଃ ଲୋକେ ମଳମାସ ବୋଲି କୁହନ୍ତି । କିନ୍ତୁ ଶାସ୍ତ୍ରାନୁସାରେ ସ୍ୱୟଂ ଭଗବାନ ପୁରୁଷୋତ୍ତମ ନିଜ ନାମରେ ଏହି ମାସକୁ ନାମକରଣ କରିଛନ୍ତି । ଏହି ମାସରେ ଯେକୌଣସି ଧର୍ମକାର୍ଯ୍ୟ କଲେ ତାହା ଷୋହଳ ଲକ୍ଷ ଗୁଣ ଫଳ ପ୍ରଦାନ କରେ । କାର୍ତ୍ତିକ ମାସ ଭଳି ଏହି ମାସଟି ନିଷ୍ଠା ସହକାରେ ପାଳନୀୟ ।